## ଆଜି କ'ଣ କେଉଁଠି

**ଛତ୍ରପୁର**

- ଜିଲାସ୍ତରୀୟ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ। ସ୍ଥାନ- ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ। ସମୟ- ପୂର୍ବାହ୍ନ ୧୦ ଟା ୩୦ ମିନିଟ।

**ବୁଗୁଡା**

- ୨୪ ପ୍ରହର ନାମ ସଙ୍କୀର୍ତ୍ତନ ଯଜ୍ଞ ଆରମ୍ଭ। ସ୍ଥାନ-ବୁଗୁଡ଼ା ବଡ଼ଦାଣ୍ଡ, ସମୟ-ସକାଳ ୭ଟା
- ବ୍ଲକ ସ୍ତରୀୟ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ। ସ୍ଥାନ-ବଳଦେବଜୀୟୁ ବସଷ୍ଟାଣ୍ଡ,ସମୟ-ସକାଳ ୮ଟା।

**କ.ନୁଆଗାଁ**

- ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୫ତମ ଜନ୍ମ ମହାମହୋତ୍ସବ। ସ୍ଥାନ-ସତ୍‌ସଙ୍ଗ କେନ୍ଦ୍ର ,ସମୟ- ଅପରାହ୍ନ ୩ଟା।

**ଭଞ୍ଜନଗର**

- ଘୁମୁସର ଜିଲା ଦାବୀ ନେଇ ଉତ୍କଳ ସାମ୍ବାଦିକ ସଂଘର ପ୍ରସ୍ତୁତି ବୈଠକ। ସ୍ଥାନ-ବାର ଆସୋସିଏସନ କାର୍ଯ୍ୟାଳୟ, ସମୟ- ଅପରାହ୍ନ ୩ ଟା।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ହିଞ୍ଜିଳିକାଟୁ ପୌର କାଉନସିଲର

**ହିଞ୍ଜିଳିକାଟୁ,୪।୩(ଡି.ଏନ.ଏ.)**

ହିଞ୍ଜିଳିକାଟୁ ପୌର ପରିଷଦର ବିଜେଡି ସଭ୍ୟା ସଭ୍ୟ ଶନିବାର ଭୁବନେଶ୍ୱର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ପୌର ପରିଷଦ ଅଞ୍ଚଳରେ ଉନ୍ନୟନ ମୂଳକ କାର୍ଯ୍ୟଗୁଡ଼ିକୁ କାର୍ଯ୍ୟକାରୀ କରି ଲୋକଙ୍କ ବିଶ୍ୱାସଭାଜନ ହେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ସରକାରଙ୍କ ବିଭିନ୍ନ ଯୋଜନାକୁ ପ୍ରକୃତ ହିତାଧିକାରୀଙ୍କୁ ପ୍ରଦାନ ସହ ଏହା ବିଷୟରେ ଲୋକଙ୍କୁ ଜଣାଇବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ରାଜ୍ୟର ନଂ.୧ ସହରାଞ୍ଚଳ ଭାବେ ହିଞ୍ଜିଳିକାଟୁ ସହରର ବିକାଶ ପାଇଁ ସମସ୍ତ ସହଯୋଗ ଯୋଗାଇଦେବ ବୋଲି ମୁଖ୍ୟମନ୍ତ୍ରୀ କହିଥିବା କାଉନସିଲର ବୃନ୍ଦ କହିଛନ୍ତି। ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ବିଜେଡି ନଗର ସଭାପତି ଭୀମସେନ ବେହେରାଙ୍କ ସମେତ ସମସ୍ତ ୧୬ କାଉନସିଲର ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି ହିଞ୍ଜିଳିକାଟୁ କାଉନସିଲର।

# ଏସ୍‌ଏଚ୍‌ଜି ମହିଳାଙ୍କ ମଧ୍ୟରେ ରଙ୍ଗୋଲି, ବକ୍ତୃତା ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ,୪।୩**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବିଭିନ୍ନ ଏସ୍‌ଏଚ୍‌ଜି ମହିଳାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଏମାନଙ୍କ ମଧ୍ୟରେ ରୋଷେଇ ପ୍ରତିଯୋଗିତା ହୋଇଥିବା ବେଳେ ଶନିବାର ବିଏମ୍‌ସି ପକ୍ଷରୁ ରଙ୍ଗୋଲି ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। ରଙ୍ଗୋଲି ମାଧ୍ୟମରେ ଏସ୍‌ଏଚ୍‌ଜି ମହିଳାମାନେ ସଶକ୍ତୀକରଣ ସମେତ ସମାଜରେ ନାରୀଙ୍କ ଭୂମିକାକୁ ନେଇ ଚିତ୍ର ଆଙ୍କିଥିଲେ। ଏଥିରେ ମର୍କଟ କେଶରୀ ଏସ୍‌ଏଚଜି, ଟଗର ଏସ୍‌ଏଚଜି, ଓମ୍ ସାଇନାଥ, ଖୁସି, ମଲିକେଶ୍ୱର, ଝାନ୍‌ସୀ ରାଣୀ, ସନ୍ତୋଷୀ, ବିଜୟ ଲକ୍ଷ୍ମୀ, ଜୟ ରାମ, ଭାଗ୍ୟ କୋୟର, ମା' ସନ୍ତୋଷୀ ଓ ବିଜୟ ଲକ୍ଷ୍ମୀ ଭଳି ୧୨ ଏସ୍‌ଏଚ୍‌ଜିର ମହିଳାମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ଟଗର ଏସ୍‌ଏଚ୍‌ଜିର ସନ୍ଧ୍ୟାରାଣୀ ବେହେରା ପ୍ରଥମ, ଭାଗ୍ୟ କୋୟର ଏସ୍‌ଏଚ୍‌ଜିର ଭାଗ୍ୟଶ୍ରୀ ପ୍ରଧାନ ଦ୍ୱିତୀୟ ଓ ମଲିକେଶ୍ୱର ଏସ୍‌ଏଚ୍‌ଜିର ପିଙ୍କି ଦାସ ତୃତୀୟ ହୋଇଛନ୍ତି। ସେହିପରି ଅପରାହ୍ନରେ ବିଏମ୍‌ସି ପୁରୁଣା ସମ୍ମିଳନୀ କକ୍ଷରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୫ ଏସ୍‌ଏଚଜି ମହିଳା ଭାଗ ନେଇଥିଲେ। ପ୍ରତିଯୋଗିତା ପରିଚାଳନାରେ ବିଏମ୍‌ସି ନୋଡାଲ ଅଫିସର ଗୀତାଞ୍ଜଳି ସାମନ୍ତରାୟ ଓ ସ୍ମିତା ଦାଶ ସହଯୋଗ କରିଥିଲେ।





ଏସ୍‌ଏଚ୍‌ଜି ମହିଳା ରଙ୍ଗୋଲି ପକାଉଛନ୍ତି।

# ୧୧୭୬ ଅନୁପସ୍ଥିତ, ଜଣେ ଏମ୍‌ପି

## ଯୁକ୍ତ ୨ ପରୀକ୍ଷା

**ବ୍ରହ୍ମପୁର ଅଫିସ,୪।୩**

ସାରା ରାଜ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚାଲିଥିବା ଯୁକ୍ତ୨ ପରୀକ୍ଷାରେ ଶନିବାର କଳା ଓ ବାଣିଜ୍ୟ ଛାତ୍ରୀଛାତ୍ରଙ୍କ ଇଂଲିଶ ପରୀକ୍ଷା ହୋଇଥିଲା। ଏଥି ନିମନ୍ତେ ଦକ୍ଷିଣାଞ୍ଚଳ ଜୋନ୍‌ର କଳାରେ ୫୦୨୦୦ ଓ ବାଣିଜ୍ୟରେ ୫୦୮୮ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ଏଥିରେ ଦକ୍ଷିଣାଞ୍ଚଳ ଜୋନ୍‌ରେ କୋରାପୁଟ, କନ୍ଧମାଳ, ବୌଦ୍ଧ, ଗଞ୍ଜାମ, ଗଜପତି, ରାୟଗଡ଼ା ଓ ମାଲକାନଗିରିରେ ହୋଇଥିବା ପରୀକ୍ଷାରେ ଶନିବାର ୧୧୭୬ ପରୀକ୍ଷାର୍ଥୀ ଅନୁପସ୍ଥିତ ଅଛନ୍ତି। ସେଥି ମଧ୍ୟରୁ ଫୁଲବାଣୀ ସରକାରୀ ବାଲାଜୀ ବିଦ୍ୟାପୀଠ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ ଏମ୍‌ପି ହୋଇଥିବା ଦକ୍ଷିଣାଞ୍ଚଳ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପ ସଚିବ ଡ.କୁଳମଣି ଓଝାଙ୍କଠାରୁ ପ୍ରକାଶ।

# ପ୍ରମାଣ ଅଭାବରୁ ଯୁବକ ନିର୍ଦ୍ଦୋଷ

## ନାବାଳିକା ବଳାତ୍କାର ମାମଲା

**ବ୍ରହ୍ମପୁର ଅଫିସ,୪।୩:** ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଭାତ କୁମାର ରାଜଗୁରୁ ଶନିବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଜଣେ ଯୁବକଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଉଛନ୍ତି କେ.ନୂଆଗାଁ ଥାନା ଅଞ୍ଚଳର ଏ. କୃଷ୍ଣ (୨୨)। ପ୍ରକାଶ ଯେ, ୨୦୨୧ ଅଗଷ୍ଟ ୧୦ରେ ଜଣେ ୧୭ବର୍ଷର ନାବାଳିକାଙ୍କୁ କୃଷ୍ଣ ଅପହରଣ କରି ନେଇଥିଲେ। ଏନେଇ ପୀଡ଼ିତାଙ୍କ ବାପା କେ.ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୫୫/୨୧ରେ ଏକ ମାମଲା ରୁଜୁ କରିଥିଲା। ଦୁଇଦିନ ପରେ ପୋଲିସ ନୂଆପଡ଼ା ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରି ଥାନାରେ ତାଙ୍କର ବୟାନ ରେକର୍ଡ କରିଥିଲା। ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ କୃଷ୍ଣ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲା। ଘଟଣା ଦିନ ମୋତେ ଗାଡ଼ିରେ ବସାଇ ନୂଆପଡ଼ା ଅଞ୍ଚଳକୁ ନେଇ ସେଠାରେ ବଳାତ୍କାର କରିଥିଲେ ବୋଲି ସେ ପୋଲିସକୁ କହିଥିଲେ। ପୋଲିସ କୃଷ୍ଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ତାଙ୍କୁ ଜାମିନ ମିଳିଥିଲା। ଉକ୍ତ ମାମଲାର ବିଚାର ବେଳେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶନିବାର ମାମଲାର ଶୁଣାଣି ବେଳେ କୃଷ୍ଣଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ୍ ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

# ଯୁବକଙ୍କ ମୃତଦେହ ଜବତ

**ଫୁଲବାଣୀ ଅଫିସ, ୪।୩:** ଫୁଲବାଣୀ ସଦର ଥାନା ବଇଡ଼ା ଗ୍ରାମ ନିକଟରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ଜଣକ ବଇଡ଼ା ଗ୍ରାମର ଲାଣ୍ଡୁ କହଁର। ବଇଡ଼ାରୁ ପଦରସାହି ଯିବା ରାସ୍ତାରେ ଏକ ପଣସ ଗଛରେ ଲାଣ୍ଡୁଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ଗ୍ରାମର ଲୋକେ ଦେଖି ସମ୍ପର୍କୀୟ ଲୋକଙ୍କୁ ଜଣାଇଥିଲେ। ମୃତକଙ୍କ ସମ୍ପର୍କୀୟ ଭାଇ ଏ ନେଇ ସଦର ଥାନାରେ ଏତଲା ଦେଇଛନ୍ତି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଗଞ୍ଜାମ ଓକିଲ ସଂଘ ନିର୍ବାଚନ

# ପ୍ରଥମ ଦିନରେ ୯ ପ୍ରାର୍ଥୀଙ୍କ ନାମାଙ୍କନ

**ବ୍ରହ୍ମପୁର ଅଫିସ,୪।୩**

ଗଞ୍ଜାମ ଓକିଲ ସଂଘର ଚଳିତ ବର୍ଷର ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ନିମନ୍ତେ ଶନିବାର ପ୍ରଥମ ଦିନ ଥିଲା। ବିଭିନ୍ନ ପଦବୀ ପାଇଁ ମୋଟ ୯ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସଭାପତି ପଦ ଲାଗି ସୁଧାଂଶୁ ଶେଖର ପଣ୍ଡା, ଜଗତ ମୋହନ ପଟ୍ଟନାୟକ, ମିନତି ରଥ, ଡା. ଶିବ ପ୍ରସାଦ ମିଶ୍ର ଓ ରବୀନ୍ଦ୍ର କୁମାର ଦେଓ, ସମ୍ପାଦକ ପଦ ପାଇଁ ସୁଧୀର କୁମାର ମିଶ୍ର ଓ ପିଣ୍ଟୁ କୁମାର ପାତ୍ର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ପଦ ପାଇଁ ଗିରିଜା ଶଙ୍କର ବେହେରା ଓ ଜେ. ଶ୍ରୀନିବାସ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରଥମ ଦିନରେ ୯ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ ଅକ୍ଷୟ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଆସନ୍ତା ୬ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ ପାଇଁ ଦିନ ଧାର୍ଯ୍ୟ କରାଯାଇଛି।

୧୦ରେ ପ୍ରାର୍ଥୀପତ୍ର ଯାଞ୍ଚ। ସେହିପରି ୧୨ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ୧୩ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୫ତାରିଖ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ଅପରାହ୍ନ ୪ଟାରୁ ସନ୍ଧ୍ୟା ମଧ୍ୟରେ ଗଣତି ସହ ଫଳାଫଳ ଘୋଷଣା କରାଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତ ବର୍ଷ ରାଜ୍ୟ ବାର କାଉନ୍‌ସିଲର ଅନୁମୋଦନ କ୍ରମେ ଗଞ୍ଜାମ ଓକିଲ ସଂଘର ୧୨୪୭ ଆଇନଜୀବୀ ମତଦାନ କରିବା ପାଇଁ ତାଲିକା ପ୍ରସ୍ତୁତ କରାଯାଇଛି। ଆଇନଜୀବୀ ଶିଶିର କୁମାର ଭୋଳ, ଅରୁଣ କୁମାର ବିଶ୍ୱାଳ, ବି. ନାଗେଶ୍ୱର ରାଓ ଏବଂ ଅସିତ କୁମାର ସାବତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୨ ବାଇକ୍ ମୁହାଁମୁହିଁ ଧକ୍କା, ୩ ଆହତ

**ଭଞ୍ଜନଗର,୪।୩(ଡି.ଏନ.ଏ)**

ଭଞ୍ଜନଗର ଦୁର୍ଗାପ୍ରସାଦ ଜାତୀୟ ରାଜପଥର ଜିଆର୍‌ସି କଲେଜ ନିକଟରେ ଶନିବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୩ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ଭଞ୍ଜନଗର ମେଡିକାଲ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ବ୍ରହ୍ମପୁରର ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ତାଙ୍କ ଅନ୍ୟଜଣେ ସାଙ୍ଗ ସହ ମିଶି ଫୁଲବାଣୀରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ମୁଜାଗଡ଼ର ବନିତା ସାମନ୍ତରାୟ ଓ ତାଙ୍କ ପୁତ୍ର ପ୍ରିନ୍ସ କୌଣସି କାମରେ ଭଞ୍ଜନଗର ଆସି ଗ୍ରାମକୁ ଫେରୁଥିବା ବେଳେ ଜିଆର୍‌ସି କଲେଜ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ପୂର୍ଣ୍ଣଚନ୍ଦ୍ର, ବନିତା ଓ ପ୍ରିନ୍ସ ଆହତ ହୋଇଥିବା ବେଳେ ଅନ୍ୟ ଜଣେ ରକ୍ଷା ପାଇଯାଇଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ଲିଟୁ



@ ପୁପୁନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ରହ୍ମପୁରରେ ହାଇକୋର୍ଟ ଜଷ୍ଟିସ୍ ଶଶିକାନ୍ତ ମିଶ୍ର



ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଓ ସଂଘ କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ,୪।୩**

ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଶନିବାର ବ୍ରହ୍ମପୁର ଗସ୍ତରେ ଆସି ଗଞ୍ଜାମ ଜିଲା ଓ ଦୌରା ଜଜ୍ କୋର୍ଟରେ ଥିବା ଡିଜିଟାଲାଇଜେଶନ୍ ସେବା ଏବଂ ରେକର୍ଡ ରୁମ୍ ପରିଦର୍ଶନ କରିଛନ୍ତି। କୋର୍ଟରେ ଡିଜିଟାଲାଇଜେଶନ ବ୍ୟବସ୍ଥା କିପରି କାର୍ଯ୍ୟକାରୀ ହେଉଛି ଏବଂ ମହକିଲମାନେ ଏହାର ସେବା କିପରି ଉପଲବ୍ଧ କରୁଛନ୍ତି ତାହା ଅନୁଧ୍ୟାନ କରିଥିଲେ। ଏଡିଜେ-୧ ଡ.ଇନ୍ଦୁ ଶର୍ମା, ପୋକ୍‌ସୋ କୋର୍ଟ ଜଜ୍ ପ୍ରଭାତ କୁମାର ରାଜଗୁରୁ, ଭିଜିଲାନ୍ସ କୋର୍ଟର ଡ.ଅରୁଣ କୁମାର ସାହୁ, ସବ୍‌ଜଜ୍ ପଦ୍ମଲୋଚନ ବଡ଼ଜେନାଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଗଞ୍ଜାମ ଓକିଲ ସଂଘ ପକ୍ଷରୁ ବିଚାରପତି ମିଶ୍ରଙ୍କୁ ସଂଘ କାର୍ଯ୍ୟାଳୟକୁ ନିମନ୍ତ୍ରଣ କରାଯାଇଥିଲା। ଏଠାରେ ବିଭିନ୍ନ ପ୍ରସଙ୍ଗରେ ସଂଘ ସଭାପତି କପିଳେଶ୍ୱର ପଟ୍ଟନାୟକ, ସମ୍ପାଦକ ସୁଶୀଲ ତ୍ରିପାଠୀଙ୍କ ସହ ସେ ଆଲୋଚନା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଜିଲା ପ୍ରାଥମିକ ଶିକ୍ଷକ ସଂଘର କୃତଜ୍ଞତା

**ବ୍ରହ୍ମପୁର ଅଫିସ,୪।୩**

ପ୍ରାଥମିକ ଶିକ୍ଷକଙ୍କର ପ୍ରମୋଶନ ଥିବା ସମୟ ଅବଧିକୁ ବିଜ୍ଞପ୍ତି ମାଧ୍ୟମରେ ରାଜ୍ୟ ସରକାର କୋହଳ କରିଥିବାରୁ ଗଞ୍ଜାମ ଜିଲା ପ୍ରାଥମିକ ଶିକ୍ଷକ ସଂଘ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗଣଶିକ୍ଷା ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଜ୍ଞପ୍ତି ମାଧ୍ୟମରେ ପ୍ରାୟ ୪୦ ହଜାର ପଦବୀ ପ୍ରମୋଶନ ମାଧ୍ୟମରେ ପୂରଣ ହୋଇପାରିବ। ଯାହାଦ୍ୱାରା ପ୍ରାଥମିକ ଶିକ୍ଷାରେ ଶିକ୍ଷଣ ଅଭିବୃଦ୍ଧି ଘଟିବା ସହ ବିଦ୍ୟାଳୟର ସୁପରିଚାଳନା ହୋଇପାରିବ। ସରକାରଙ୍କ ବିଜ୍ଞପ୍ତି ମାଧ୍ୟମରେ ପ୍ରାଥମିକ ଶିକ୍ଷକଙ୍କ ପ୍ରମୋଶନରେ ଥିବା ସମସ୍ତ ଅବଧିକୁ ହ୍ରାସ କରାଯାଇଛି। ଏଣୁ ଗଞ୍ଜାମ ଜିଲାର ପ୍ରାଥମିକ ଶିକ୍ଷକଙ୍କ ପ୍ରମୋଶନ ତାଲିକା ପ୍ରସ୍ତୁତ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଆଦେଶନାମାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସଂଘ ସଭାପତି ସାରଥୀ ପାତ୍ର ଓ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାରଣା ଦାବି କରିଛନ୍ତି।

# ବ୍ରହ୍ମପୁର ଏସ୍‌ପି ଅଫିସ ଘେରିଲା ଭାଜପା ଯୁବମୋର୍ଚ୍ଚା

## ଏତଲା ପଞ୍ଜୀକରଣ କରାଯାଇ ନ ଥିବାର ପ୍ରତିବାଦ

**ବ୍ରହ୍ମପୁର ଅଫିସ,୪।୩**

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଶନିବାର ବ୍ରହ୍ମପୁର ଏସ୍‌ପି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ଗଣଧାରଣା ଦିଆଯାଇଥିଲା। ଗତ ଶୁକ୍ରବାର ପୋଲିସ ପଦାଧିକାରୀଙ୍କ ବିରୋଧରେ ବିଭିନ୍ନ ଥାନାରେ ଦାଖଲ କରାଯାଇଥିବା ଏତଲା ଜାଣିଶୁଣି ପଞ୍ଜୀକରଣ କରାଯାଇ ନ ଥିବା ପ୍ରତିବାଦରେ ଏହି ଆନ୍ଦୋଳନ ହୋଇଥିଲା। ମୋର୍ଚ୍ଚା ଜିଲା ସଭାପତି ଶିବ ଶଙ୍କର ନାୟକଙ୍କ ନେତୃତ୍ୱରେ ଯୁବ କର୍ମୀମାନେ ଶୋଭାଯାତ୍ରାରେ ଯାଇ ଏସ୍‌ପି ଅଫିସ ସମ୍ମୁଖରେ ରାଜ୍ୟ ସରକାର ଓ ପୋଲିସ ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ। ଗତ ୨୮ ତାରିଖ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ବେଳେ ଯୁବ ମୋର୍ଚ୍ଚା ନେତା ଓ କର୍ମୀଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣର ବିକ୍ଷୋଭ ସ୍ଥଳରେ ନିନ୍ଦା କରାଯାଇଥିଲା। ଏହାର ତ୍ୱରିତ ପଦକ୍ଷେପ ନିଆ ନ ଗଲେ ପୁଣି ଆନ୍ଦୋଳନକୁ ଜୋରଦାର କରାଯିବାକୁ ଚେତାବନୀ ଦିଆଯାଇଛି।

କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ବିଭୂତି ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ସରୋଜ ସାବତ, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ସିଦ୍ଧାନ୍ତ ଗଙ୍ଗଦେବଙ୍କ ସମେତ ଶୁଭାଶିଷ ସାହୁ, ସୋମନାଥ ପାତ୍ର, ଏଲ. ମୋହନ ଦାସ, କାମନା ପାଢ଼ୀ, ବିନୋଦ ମିଶ୍ର, ଗଙ୍ଗାଧର ଶତପଥୀ, ଏନ. ରାଜେନ୍ଦ୍ର କୁମାର, ବାଳକୃଷ୍ଣ ସାମନ୍ତରା, ରଜତ ପଣ୍ଡିତ, ରାଜେଶ ସାହୁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀଙ୍କ ସମେତ ଅନ୍ୟ ମହିଳା ମୋର୍ଚ୍ଚା କର୍ମୀ ଯୋଗ ଦେଇଥିଲେ। ଜିଲା ଭାଜପା କାର୍ଯ୍ୟକର୍ତ୍ତା ସୁନୀଲ ସାହୁ, ରାମ କୁମାର ପାତ୍ର, ପ୍ରଭାତ ଷଡ଼ଙ୍ଗୀ ଓ ସୁବାସ ସାହୁପ୍ରମୁଖ ସାମିଲ ହୋଇଥିଲେ। ଦାବି ସମ୍ବଳିତ ସ୍ମାରକପତ୍ର ଏସ୍‌ପିଙ୍କୁ ପ୍ରଦାନ କରାଯାଇଥିଲା।



ବ୍ରହ୍ମପୁର ଏସ୍‌ପି ଅଫିସ ଆଗରେ ଭାଜପା ଯୁବ ମୋର୍ଚ୍ଚାର ଧାରଣା ।

# ବ୍ରହ୍ମପୁରରେ ଦିଲ୍ଲୀ, ଉତ୍ତରପ୍ରଦେଶ ହର୍ବାଲ ରଙ୍ଗ ବିକ୍ରି

## ଆଗକୁ ହୋଲି

**ବ୍ରହ୍ମପୁର ଅଫିସ,୪।୩**

ଆଗକୁ ଆସୁଛି ରଙ୍ଗର ପର୍ବ ହୋଲି। ହୋଲିକୁ ନେଇ ରେଶମ ସହରବାସୀ ବେଶ୍ ଉତ୍ସାହିତ। ତେବେ କୌଣସି ପର୍ବପର୍ବାଣି ଆସିଲେ ସହରରେ ଥିବା ସିଜନାଲ ଷ୍ଟୋରଗୁଡିକରେ ସହରବାସୀଙ୍କ ଭିଡ ଜମିଥାଏ। ଯେଉଁଠାରେ ସମସ୍ତ ପ୍ରକାର ସାମଗ୍ରୀ ବିକ୍ରି ହୋଇଥାଏ। ଏଭଳି ଭାବେ ଚଳିତ ବର୍ଷ ହୋଲିର କିଛି ଦିନ ପୂର୍ବରୁ ସହରର ବଡ ବଜାର ଓ ସାନ ବଜାର ଅଞ୍ଚଳରେ ଥିବା ସିଜନାଲ ଷ୍ଟୋରଗୁଡିକରେ ଭଳିକି ଭଳି ରଙ୍ଗ ପସରା ଦେଖିବାକୁ ମିଳିଛି। ଏହି ଷ୍ଟୋରଗୁଡିକରୁ ରଙ୍ଗ କିଣିବା ପାଇଁ ସହରବାସୀଙ୍କ ସମେତ ଜିଲା ଓ ବାହାରୁ ବହୁ ରିଟେଲର ବ୍ୟବସାୟୀଙ୍କ ଭିଡ ଜମୁଛି।

ଚର୍ମ ରୋଗ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ବର୍ତ୍ତମାନ ହୋଲି ଖେଳୁଥିବା ଯୁବ ପିଢି ଏବେ ହର୍ବାଲ ରଙ୍ଗ ପ୍ରତି ଆକୃଷ୍ଟ ହେଉଛନ୍ତି, ଯାହାକି ସମ୍ପୂର୍ଣ୍ଣ ରୂପେ ରାସାୟନିକ ପଦାର୍ଥ ମୁକ୍ତ। ଚର୍ମ ରୋଗ ମଧ୍ୟ ହେବ ନାହିଁ। ତଦନୁଯାୟୀ ବହୁ ସିଜନାଲ ଷ୍ଟୋରରେ ଭଳିକି ଭଳି ହର୍ବାଲ ରଙ୍ଗର ପସରା ଦେଖିବାକୁ ମିଳିଛି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସିଜନାଲ ଷ୍ଟୋର ବ୍ୟବସାୟୀମାନେ ବିଭିନ୍ନ କିସମର ହର୍ବାଲ ରଙ୍ଗ ବିକ୍ରି କରୁଛନ୍ତି। ଏହିସବୁ ହର୍ବାଲ ରଙ୍ଗ ଦିଲୀ, ଉତ୍ତରପ୍ରଦେଶ, ରାୟପୁର ଓ ରାଜସ୍ଥାନରୁ ଆମଦାନୀ ହେଉଛି, ଯାହାର ବଜାର ଦର କି.ଗ୍ରା. ପିଛା ୭୦ରୁ ୮୦ ଟଙ୍କା ରହିଛି। ନାଲି, ଗୋଲାପି, ହଳଦିଆ ଓ ନୀଳ ଭଳି ଭିନ୍ନ ଭିନ୍ନ ରଙ୍ଗର ହର୍ବାଲ ବିକ୍ରି ହେଉଛି, ଯାହାର ଚାହିଦା ଅଧିକ ରହିଥିବା ବ୍ୟବସାୟୀମାନେ କହିଛନ୍ତି। ଏହି ରଙ୍ଗରେ କୌଣସି ରାସାୟନିକ ଦ୍ରବ୍ୟ ମିଶି ନ ଥାଏ। ଏହାକୁ ନିର୍ଭୟରେ ଛୋଟ ଶିଶୁଙ୍କଠାରୁ ଆରମ୍ଭ କରି ବୟସ୍କ ଲୋକମାନେ ମଧ୍ୟ ଖେଳିପାରିବେ। ସେହିଭଳି ଗୁଲାଲ ଭଳି ରଙ୍ଗର ମଧ୍ୟ ଚାହିଦା ରହିଛି ବୋଲି ବ୍ୟବସାୟୀମାନେ କହିଛନ୍ତି। କିନ୍ତୁ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ବ୍ୟବସାୟ ମାନ୍ଦା ରହିଥିବା ବ୍ୟବସାୟୀମାନେ କହିଛନ୍ତି। ଏହି ସମୟରେ ଗଞ୍ଜାମ ସମେତ ଗଜପତି, କନ୍ଧମାଳ ଜିଲାରୁ ବହୁ ରିଟେଲର ବ୍ୟବସାୟୀଙ୍କ ଭିଡ ଜମିଥାଏ। କରୋନା କଟକଣା ହଟିବା ପରେ ଗତ ବର୍ଷ ବ୍ୟବସାୟ ବେଶ୍ ଭଲ ଥିଲା। କିନ୍ତୁ ଚଳିତ ବର୍ଷ ବ୍ୟବସାୟ ଫିକା ପଡିଥିବା ବ୍ୟବସାୟୀମାନେ କହିଛନ୍ତି। ତେବେ ରଙ୍ଗର ପର୍ବ ହୋଲି କିଛି ଦିନ ବାକିଥିବା ବେଳେ ବ୍ୟବସାୟ ମଧ୍ୟ ଆଶାନୁରୂପକ ହେବ ବୋଲି କେତେକ ବ୍ୟବସାୟୀ କହିଛନ୍ତି।





ସିଜନାଲ ଷ୍ଟୋରରେ ବିକ୍ରି ହେଉଥିବା ହର୍ବାଲ ରଙ୍ଗ।

